# Visit of Minister of State for External Affairs and Culture Smt. Meenakashi Lekhi to Norway, Iceland and Malta (August 16-23, 2022)

August 24, 2022

## ବୈଦେଶିକ ବ୍ୟାପାର ଓ ସଂସ୍କୃତି ରାଷ୍ଟ୍ରମନ୍ତ୍ରୀ ଶ୍ରୀମତୀ ମୀନକାଶୀ ଲେଖୀଙ୍କ ନରୱେ, ଆଇସଲ୍ୟାଣ୍ଡ ଏବଂ ମାଲ୍ଟା ଗସ୍ତ (16-23 ଅଗଷ୍ଟ 2022)

### ଅଗଷ୍ଟ 24, 2022

ବୈଦେଶିକ ବ୍ୟାପାର ଓ ସଂସ୍କୃତି ରାଷ୍ଟ୍ରମନ୍ତ୍ରୀ ଶ୍ରୀମତୀ ମୀନକାଶୀ ଲେଖୀ 16-23 ଅଗଷ୍ଟ 2022 ନରୱେ, ଆଇସଲ୍ୟାଣ୍ଡ ଏବଂ ମାଲ୍ଟା ଗସ୍ତ କରିଥିଲେ।

2. ନରୱେ ଗସ୍ତ ସମୟରେ (16-18 ଅଗଷ୍ଟ) ରାଷ୍ଟ୍ରମନ୍ତ୍ରୀ ନରୱେର ବୈଦେଶିକ ବ୍ୟାପାର ମନ୍ତ୍ରୀ ଶ୍ରୀମତୀ ଅନ୍ନିକେନ୍ ହୁଇଟଫେଲ୍ଡ, ମହାସଚିବ ଶ୍ରୀ ଟୋରେ ହାଟ୍ରେମ ଏବଂ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ରାଷ୍ଟ୍ର ସଚିବ ଶ୍ରୀ ଏର୍ଲିଙ୍ଗ ରିମେଷ୍ଟାଡଙ୍କୁ ଭେଟିଥିଲେ। ଏହି ବୈଠକଗୁଡ଼ିକରେ ବାଣିଜ୍ୟ ଓ ପୁଞ୍ଜି ବିନିଯୋଗ, ନୀଳ ଅର୍ଥନୀତି, ଶକ୍ତି, ଆର୍କଟିକ୍ ଅଞ୍ଚଳ, ସାଂସ୍କୃତିକ ଏବଂ ଲୋକମାନଙ୍କ ମଧ୍ୟରେ ସମ୍ପର୍କ ବିଷୟରେ ଆଲୋଚନା କରାଯାଇଥିଲା। ପାରସ୍ପରିକ ଆଗ୍ରହର ଆଞ୍ଚଳିକ ଓ ଆନ୍ତର୍ଜାତିକ ପ୍ରସଙ୍ଗ ଉପରେ ମଧ୍ୟ ଆଲୋଚନା କରାଯାଇଥିଲା।

3. ରାଷ୍ଟ୍ରମନ୍ତ୍ରୀ 17 ଅଗଷ୍ଟରେ ଜଳବାୟୁ ଓ ପରିବେଶ ମନ୍ତ୍ରୀ ଶ୍ରୀ ଏସପେନ୍ ବାର୍ଥ ଇଡେଙ୍କ ସହ ଭାରତ-ନରୱେ ସବୁଜ ଶକ୍ତି ସହଯୋଗ ଉପରେ ଏକ ପ୍ୟାନେଲ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ବାର୍ତ୍ତାଳାପ ସମୟରେ ଜଳବାୟୁ ପରିବର୍ତ୍ତନ ଉପରେ କାର୍ଯ୍ୟକୁ ନେଇ ଲକ୍ଷ୍ୟ ହାସଲ କରିବାରେ ଭାରତ ଦ୍ୱାରା କରାଯାଇଥିବା ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତିକୁ ରାଷ୍ଟ୍ରମନ୍ତ୍ରୀ ଉଲ୍ଲେଖ କରିଥିଲେ।

4. ଶ୍ରୀ ଗୁରୁ ନାନକ ଦେବ ଜୀଙ୍କ ଗୁରୁଦ୍ୱାରା (ନରୱେର ପ୍ରଥମ ଗୁରୁଦ୍ୱାରା) ଭ୍ରମଣ ସମୟରେ ଶିଖ ସମୁଦାୟର ସଦସ୍ୟମାନଙ୍କ ସହ ସେ ବାର୍ତ୍ତାଳାପ କରିଥିଲେ। ଏକ ଗୋଷ୍ଠୀ କାର୍ଯ୍ୟକ୍ରମରେ ସେ ପ୍ରାୟ 150 ଜଣ ପ୍ରମୁଖ ସଦସ୍ୟଙ୍କ ସହ କଥାବାର୍ତ୍ତା କରିଥିଲେ। ଅଂଶଗ୍ରହଣକାରୀମାନଙ୍କ ମଧ୍ୟରେ ବୈଜ୍ଞାନିକ, ଆଇଟି ପ୍ରଫେସନାଲ, ବ୍ୟବସାୟୀ, ଯୁବକ ଏବଂ ଛାତ୍ରଛାତ୍ରୀମାନେ ଅନ୍ତର୍ଭୁକ୍ତ ଥିଲେ। ଏତଦ୍ ବ୍ୟତୀତ ରାଷ୍ଟ୍ରମନ୍ତ୍ରୀ ଏକ ଯୋଗ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଐତିହାସିକ ବଟାନିକାଲ୍ ଗାର୍ଡେନରେ ଏକ ବୃକ୍ଷ ରୋପଣ କରିଥିଲେ।

5. ରାଷ୍ଟ୍ରମନ୍ତ୍ରୀ 19-20 ଅଗଷ୍ଟରେ ଆଇସଲ୍ୟାଣ୍ଡ ଗସ୍ତ କରିଥିଲେ। ଏହି ଗସ୍ତ ସମୟରେ ସେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଶ୍ରୀମତୀ ଥର୍ଡିସ୍ କୋଲବ୍ରନ୍ ଗିଲଫାଦଟିରଙ୍କ ସହ ସାକ୍ଷାତ କରିଥିଲେ ଏବଂ ଦ୍ୱିପାକ୍ଷିକ ସମ୍ପର୍କ ତଥା ଆଞ୍ଚଳିକ ଓ ଆନ୍ତର୍ଜାତିକ ପ୍ରସଙ୍ଗ ଉପରେ ମତ ବିନିମୟ କରିଥିଲେ। ମତ୍ସ୍ୟ ଉତ୍ପାଦନ, ଭୂତାପ ଶକ୍ତି, ନବସୃଜନତା, ବାଣିଜ୍ୟ ଓ ପୁଞ୍ଜି ବିନିଯୋଗ, ପର୍ଯ୍ୟଟନ, ସଂସ୍କୃତି ଏବଂ ଲୋକମାନଙ୍କ ମଧ୍ୟରେ ବିନିମୟ ବୃଦ୍ଧି କରିବାରେ ଉଭୟ ପକ୍ଷ ସହଯୋଗ କରିବାକୁ ସହମତ ହୋଇଥିଲେ। ରାଷ୍ଟ୍ରମନ୍ତ୍ରୀ ଆଇସଲ୍ୟାଣ୍ଡର ସଂସ୍କୃତି ଓ ବ୍ୟବସାୟ ବ୍ୟାପାର ମନ୍ତ୍ରୀ ଶ୍ରୀମତୀ ଲିଲଜା ଆଲଫ୍ରେଡସଡଟିରଙ୍କ ସହ ସାକ୍ଷାତ କରି ଯୋଗ, ଚଳଚ୍ଚିତ୍ର, ସଙ୍ଗୀତ, ପ୍ରଦର୍ଶନ କଳା ଏବଂ ପର୍ଯ୍ୟଟନ କ୍ଷେତ୍ରରେ ସହଯୋଗ ବୃଦ୍ଧି ବିଷୟରେ ଆଲୋଚନା କରିଥିଲେ। ରାଷ୍ଟ୍ରମନ୍ତ୍ରୀ ଆଇସଲ୍ୟାଣ୍ଡ ସଂସଦର ବାଚସ୍ପତି ଶ୍ରୀ ବିରଗିର୍ ଆର୍ମାନ୍ସନଙ୍କୁ ମଧ୍ୟ ସାକ୍ଷାତ କରି ଦୁଇ ଦେଶ ମଧ୍ୟରେ ସଂସଦୀୟ ସହଯୋଗ ଉପରେ ଆଲୋଚନା କରିଥିଲେ।

6. ରାଷ୍ଟ୍ରମନ୍ତ୍ରୀଙ୍କ ଉପସ୍ଥିତିରେ ମଧୁମେହ ରୋଗୀଙ୍କ ପାଇଁ ଭବିଷ୍ୟସୂଚକ ଆଖି ସ୍କ୍ରିନିଂ କ୍ଷେତ୍ରରେ ସ୍ଥାନୀୟ ହେଲଥଟେକ୍ କମ୍ପାନୀ ରେଟିନାରିସ୍କ ଏବଂ ଶଙ୍କର ନେତ୍ରାଳୟ ମଧ୍ୟରେ ଏକ ଏମଓୟୁ ସ୍ୱାକ୍ଷରିତ ହୋଇଥିଲା।

7. "ଭାରତ @ 75 - ଏକ ପରିବର୍ତ୍ତନଶୀଳ ବିଶ୍ୱରେ ଭାରତର ଭୂମିକା" ପ୍ରସଙ୍ଗରେ ଆଇସଲ୍ୟାଣ୍ଡ ବିଶ୍ୱବିଦ୍ୟାଳୟକୁ ରାଷ୍ଟ୍ରମନ୍ତ୍ରୀ ସମ୍ବୋଧିତ କରିଥିଲେ। ଏହି ଅବସରରେ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ, ଅଧ୍ୟାପିକା, ଗବେଷକ ଏବଂ ପ୍ରବାସୀ କୂଟନୀତିଜ୍ଞ ଉପସ୍ଥିତ ଥିଲେ। ସେ ଏକ ଯୋଗ କାର୍ଯ୍ୟକ୍ରମ ଏବଂ ଜନମାଷ୍ଟମୀ ଉତ୍ସବରେ ମଧ୍ୟ ଅଂଶଗ୍ରହଣ କରିଥିଲେ, ଏବଂ ଭାରତୀୟ ଦୂତାବାସ ପରିସରରେ ଏକ ବୃକ୍ଷ ରୋପଣ କରିଥିଲେ। ସେ ହରପା କନସର୍ଟ ହଲରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମରେ ମଧ୍ୟ ଯୋଗ ଦେଇଥିଲେ, ଯେଉଁଠାରେ ବହୁ ସଂଖ୍ୟାରେ ଭାରତୀୟ ସମୁଦାୟର ସଦସ୍ୟ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଆଇସଲ୍ୟାଣ୍ଡର ସଂସ୍କୃତି ଓ ବ୍ୟବସାୟ ବ୍ୟାପାର ମନ୍ତ୍ରୀ ମଧ୍ୟ ଯୋଗ ଦେଇଥିଲେ।

8. ମାଲ୍ଟା ଗସ୍ତ ସମୟରେ (21-23 ଅଗଷ୍ଟ) ରାଷ୍ଟ୍ରମନ୍ତ୍ରୀ ମାଲ୍ଟାର ରାଷ୍ଟ୍ରପତି ଡକ୍ଟର ଜର୍ଜ ଭେଲ୍ଲା, ବୈଦେଶିକ ମନ୍ତ୍ରୀ ଡକ୍ଟର ଇୟାନ୍ ବର୍ଗ, ପର୍ଯ୍ୟଟନ ମନ୍ତ୍ରୀ ଶ୍ରୀ କ୍ଲେଟନ୍ ବାର୍ଟୋଲୋ ଏବଂ ଜାତୀୟ ଐତିହ୍ୟ, କଳା ଓ ସ୍ଥାନୀୟ ପ୍ରଶାସନ ମନ୍ତ୍ରୀ ଡକ୍ଟର ଓଓ୍ୱେନ ବୋନିସିଙ୍କୁ ସାକ୍ଷାତ କରିଥିଲେ। ଦ୍ୱିପାକ୍ଷିକ ସମ୍ପର୍କ ବିଶେଷକରି ବାଣିଜ୍ୟ ଓ ପୁଞ୍ଜି ବିନିଯୋଗ, ସାମୁଦ୍ରିକ ସହଯୋଗ, ସୌର ଶକ୍ତି, ଚଳଚ୍ଚିତ୍ର, ପର୍ଯ୍ୟଟନ ଏବଂ ସଂସ୍କୃତି କ୍ଷେତ୍ର ଉପରେ ଉଭୟ ପକ୍ଷ ବିସ୍ତୃତ ଆଲୋଚନା କରିଥିଲେ। ମୁଖ୍ୟତଃ ଫାର୍ମାସ୍ୟୁଟିକାଲ୍ସ ଓ ଆଇସିଟି କ୍ଷେତ୍ରରେ ମାଲ୍ଟାରେ କାର୍ଯ୍ୟରତ 112 ଟି ଭାରତୀୟ କମ୍ପାନୀର ଅବଦାନକୁ ମାଲ୍ଟା ପକ୍ଷ ପ୍ରଶଂସା କରିଥିଲେ। ଭବିଷ୍ୟତରେ ସହଯୋଗ ପାଇଁ ସ୍ୱାସ୍ଥ୍ୟ ଓ ଫିନଟେକ୍ କ୍ଷେତ୍ରଗୁଡ଼ିକୁ ଚିହ୍ନଟ କରାଯାଇଥିଲା। ପାରସ୍ପରିକ ଆଗ୍ରହର ଆଞ୍ଚଳିକ ଓ ଆନ୍ତର୍ଜାତିକ ପ୍ରସଙ୍ଗରେ ମଧ୍ୟ ଉଭୟ ପକ୍ଷ ମତ ବିନିମୟ କରିଥିଲେ।

9. କୂଟନୈତିକ ଅଧ୍ୟୟନ ପାଇଁ ଭୂମଧ୍ୟସାଗରୀୟ ଏକାଡେମୀର ନିର୍ଦ୍ଦେଶକ ଏବଂ ବୋର୍ଡ ସଦସ୍ୟମାନଙ୍କ ସହ ରାଷ୍ଟ୍ରମନ୍ତ୍ରୀ ମଧ୍ୟ ବାର୍ତ୍ତାଳାପ କରିଥିଲେ। ଏହି ଏକାଡେମୀ ଏବଂ ସୁଷମା ସ୍ୱରାଜ ବୈଦେଶିକ ସେବା ସଂସ୍ଥାନ ମଧ୍ୟରେ ଏକ ଏମଓୟୁ ରହିଛି। ଦୁଇ ଦେଶର କୂଟନୈତିକ ପ୍ରତିଷ୍ଠାନ ମଧ୍ୟରେ ସହଯୋଗ ବୃଦ୍ଧି କରିବାର ଉପାୟ ଉପରେ ରାଷ୍ଟ୍ରମନ୍ତ୍ରୀ ଆଲୋଚନା କରିଥିଲେ।

10. ମାଲ୍ଟାର ବୈଦେଶିକ ମନ୍ତ୍ରୀଙ୍କ ଆମନ୍ତ୍ରଣ କ୍ରମେ ରାଷ୍ଟ୍ରମନ୍ତ୍ରୀ ଡିଙ୍ଗଲି ମହୋତ୍ସବରେ ଅଂଶଗ୍ରହଣ କରିଥିଲେ। ସେ ଏକ ଗୋଷ୍ଠୀ କାର୍ଯ୍ୟକ୍ରମରେ ଯୋଗଦେଇ ସେଠାରେ ଭାରତୀୟ ସମୁଦାୟର ସଦସ୍ୟମାନଙ୍କ ସହ ବାର୍ତ୍ତାଳାପ କରିଥିଲେ। ସେ ଏକ ଯୋଗ କାର୍ଯ୍ୟକ୍ରମରେ ମଧ୍ୟ ଅଂଶଗ୍ରହଣ କରିଥିଲେ ଏବଂ ମାଲ୍ଟାର ବସ୍କେଟ ଉଡଲାଣ୍ଡରେ ଏକ ବୃକ୍ଷ ରୋପଣ କରିଥିଲେ।

**ନୂଆଦିଲ୍ଲୀ**

**ଅଗଷ୍ଟ 24, 2022**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.